# Akashvani, Sambalpur

## SAMBALPURI NEWS EVENING BULLETIN

## 24 April 2025- 7.02 pm- 7.12 pm.

*******************************************

୧- ଜମ୍ମୁ-କାଶ୍ମୀର୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍ଣାକେ ନେଇକରି ଦିଲ୍ଲୀ ସଂସଦ୍ ଭବନ୍ ନ ଚାଲିଛେ ସର୍ବଦଲୀୟ ବୈଠକ୍ ।

- ସ୍ଥଳସେନା ମୁଖ୍ୟ ଆଏବା କାଏଲ୍ ଜମ୍ମୁ କାଶ୍ମୀର୍ ନ ସୁରକ୍ଷା ଥିତିର୍ କର୍ବେ ସମୀକ୍ଷା ।

୨- ଆକ୍ରମଣ୍ ଘଟ୍ଣାଥି ଜୀବନ୍ ହରେଇଥିବା ପ୍ରଶାନ୍ତ ଶତ୍ପଥୀଙ୍କର୍ ନିଜର୍ ଗାଁ ବାଲେଶ୍ୱର୍ ଜିଲ୍ଲା ଇଶାଣୀ ଠାନେ ସର୍ଲା ଶେଷକୃତ୍ୟ ।

୩- ପଂଚାୟତିରାଜ୍ ସଂସ୍ଥାମାନ୍କୁ ବର୍କସ୍ କର୍ବାର୍ ଲାଗି ସର୍କାର୍ ସବୁ ପଦକ୍ଷେପ୍ ନେଉଛନ୍ ଜାତୀୟ ପଂଚାୟତିରାଜ୍ ଦିବସ୍ ଅବ୍ସରେ କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଓଡ଼ିଶା ଅକ୍ଷୟ ଶକ୍ତି ନୀତି ଆଧାର୍ଥି ସିଙ୍ଗିଲ୍ ଓ୍ୱିଣ୍ଡୋ କମିଟି ବୈଠକ୍ଥି ୭ ଟା ପ୍ରସ୍ତାବ୍କେ ମିଲ୍ଲା ମଞ୍ଜୁରୀ ।

ଆତଙ୍କ୍‌ବାଦୀ ଆକ୍ରମଣ-ସର୍ବଦଲୀୟ ବୈଠକ୍ ଏନ୍‌ଏସ୍‌ଡି

ପେହେଲ୍‌ଗାଓଁ ଆତଙ୍କ୍‌ବାଦୀ ଆକ୍ରମଣ୍ ଘଟ୍‌ନାକେ ନେଇକରି ସଂସଦ୍ ଭବନ୍ ନ ଇହାଦେ ସର୍ବଦଲୀୟ ବୈଠକ୍ ଚାଲିଛେ । ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ବୈଦେଶିକ ବ୍ୟାପାର୍ ମନ୍ତ୍ରୀ ଏସ୍. ଜୟଶଙ୍କର୍, ଏଆଇସିସି ମୁଖ୍ୟ ମଲ୍ଲିକାର୍ଜୁନ୍ ଖାଡ଼୍‌ଗେ, ବିରୋଧୀ ଦଲ୍ ନେତା ରାହୁଲ୍ ଗାନ୍ଧୀଙ୍କର୍ ସହେତେ ଭିନ୍ ଭିନ୍ ଦଲର୍ ବରିଷ୍ଠ ନେତାମାନେ ଯୋଗ୍ ଦେଇଛନ୍ ।

ଇତାର୍ ଆଘୋନୁ ସ୍ୱରାଷ୍ଟ୍ରମନ୍ତ୍ରୀ ଆଉ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିକରି ଆକ୍ରମଣ୍ ଘଟ୍‌ନାକେ ନେଇକରି ଆଲୋଚନା କରିଛନ୍ । ପେହେଲ୍‌ଗାଓଁ ଆତଙ୍କବାଦୀ ଆକ୍ରମଣ୍ ଉତ୍‌ରୁ ଭାରତ୍ ତର୍‌ଫୁ ପାକିସ୍ଥାନ୍ ଉପ୍‌ରେ ନିଆୟାଇଥିବା କଠୋର୍ କୁଟନୈତିକ୍ ପଦକ୍ଷେପ୍ ବାବ୍‌ଦେ ରାଷ୍ଟପ୍ରତିଙ୍କୁ ଜନେଇଛନ୍ ।

ସେଆଡ଼େ ସ୍ଥଲସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଏବା କାଏଲ୍ ଜମ୍ମୁ କାଶ୍ମୀର୍ ଗସ୍ତ କରିକରି ସୁରକ୍ଷା ଥିତିର୍ ସମୀକ୍ଷା କର୍‌ବେ ।

ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ବିଏସ୍‌ଏଫ୍ ତର୍‌ଫୁ ଅଟାରି ସହେତେ ପଞ୍ଜାବ୍‌ର ଆଉ ୨ ଟା ଜାଗାନୁ ଧ୍ୱଜାବତରଣ୍ ସମାରୋହକେ ବନ୍ଦ୍ କରିଦିଆୟାଇଛେ ।

ପିଏମ୍ -ପଂଚାୟତିରାଜ୍ ଦିବସ୍       ଏନ୍ଏସ୍ଡି

ପେହେଲ୍ଗାଓଁ ଆତଙ୍କବାଦୀ ଆକ୍ରମଣ୍ ଘଟ୍ନାଥି ଜୀବନ୍ ହାରିଥିବା ଲୁକ୍କୁ ନ୍ୟାୟ ଦେବାର୍ ଲାଗି ସବୁ ପ୍ରକାର୍ ଚେରେଷ୍ଟା କରାଯିବା ଆଉ ସାରାଦେଶ୍ ଇଥିର୍ଲାଗି ସଂକଳ୍ପ ନେଇଛେ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଜାତୀୟ ପଂଚାୟତିରାଜ୍ ଦିବସ୍ ଅବ୍ସରେ ଆଏଜ୍ ବିହାର୍ର ମଧୁବନୀ ଜିଲ୍ଲା ନ ଗୁଟେ ସାଧାରଣ ସଭାକେ ସମ୍ୱୋଧିତ୍ କରିକରି ପ୍ରଧାନ୍ମନ୍ତ୍ରୀ କହିଛନ୍, ଇ ଘଟ୍ନାଥି ସବୁ ଆତଙ୍କବାଦୀ ଆଉ ସେମାନ୍କର୍ ସହଯୋଗୀମାନ୍କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ମାନବିକତାଥି ବିଶ୍ୱାସ୍ କରୁଥିବା ସବୁ ବ୍ୟକ୍ତି ବିଶେଷ୍ ଦେଶ୍କେ ସମର୍ଥନ୍ କରୁଛନ୍ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ଅଭିଭାଷଣ୍ ମୁଲ୍ କର୍ବାର୍ ଆଘୋନୁ ପ୍ରଧାନ୍ମନ୍ତ୍ରୀ ଘଟ୍ନାଥି ଜୀବନ୍ ହାରିଥିବା ଲୁକ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କିଛି ସମିଆ ନୀରବ୍ ପ୍ରାର୍ଥନା କରିଥିଲେ । ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ସେ ଇଲାକା ନ ୧୩ ହଜାର୍ ୪ ଶହ ୮୦ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍ଘାଟନ୍ ଆର୍ ଶିଳାନ୍ୟାସ୍ କରିଛନ୍ ।

ପ୍ରଶାନ୍ତଙ୍କ ଶେଷକୃତ୍ୟ ଆର୍‌ଏନ୍‌ୟୁ/ ସମ୍ବଲପୁର/ ଏକ୍ସ

ପେହେଲ୍‌ଗାଓଁ ଆତଙ୍କ୍‌ବାଦୀ ଆକ୍ରମଣ୍ ଘଟ୍‌ନାଥି ଜୀବନ୍ ହରେଇଥିବା ବାଲେଶ୍ୱର୍ ଜିଲ୍ଲାର୍ ଶାରଦା ପଂଚାୟତ୍‌ର ପ୍ରଶାନ୍ତ ଶତ୍‌ପଥୀଙ୍କର୍ ଶେଷକୃତ୍ୟ ଆଏଜ୍ ତାଙ୍କର୍ ଗାଁ ଇଶାଣୀ ଠାନେ କରାହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସାଂସଦ୍ ପ୍ରତାପ୍ ଷଡ଼ଙ୍ଗୀ, ବିଜେପି ରାଜ୍ୟ ଶାଖା ସଭାପତି ମନ୍‌ମୋହନ୍ ସାମଲ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ଯୋଗ୍ ଦେଇକରି ତାଙ୍କର୍ ଘରେ ଶେଷ୍ ଦର୍ଶନ୍ କରିଛନ୍ । ପ୍ରଶାନ୍ତଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନେଇକରି ମୁଖ୍ୟମନ୍ତ୍ରୀ ଅନୁକମ୍ପା ସାହାଜ୍ ଘୋଷ୍‌ନା କରିଛନ୍ ।

ଜାତୀୟ ପଂଚାୟତିରାଜ୍ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ପଂଚାୟତିରାଜ୍ ସଂସ୍ଥାମାନ୍‌କୁ ଅଏତ୍‌କା ସଶକ୍ତ କର୍‌ବାର୍ ସହେତେ ସାଧାରଣ୍ ଲୁକ୍‌କର୍ ବିକାଶ୍ କାମ୍‌ଥି ଭାଗିଦାରୀକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଦେଶେ ଆଏଜ୍ ଜାତୀୟ ପଂଚାୟତିରାଜ୍ ଦିବସ୍ ପାଳନ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଦିବସ୍ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ପଂଚାୟତିରାଜ୍

ବ୍ୟବସ୍ଥା ହେଉଛେ, ଲୋକତନ୍ତ୍ରର୍ ଆଧାର୍, ଗାଁ ଇଲାକାର୍ ସଶକ୍ତିକରଣ୍, ଶିକ୍ଷା ଆଉ ସ୍ୱାସ୍ଥ୍ୟର୍ ଉନ୍ନତି ଜରିଏ ନୂଆଁ ଓଡ଼ିଶା ଗଠନ୍ ଲାଗି ସଭେ ପ୍ରତିବଦ୍ଧ ହେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ପଂଚାୟତିରାଜ୍ ଦିବସ୍ ପୁରୀ ସମ୍ବାଦଦାତା

ଗାଁ ଆଉ ପଂଚାୟତ୍‌ର ବିକାଶ୍ ହେଲେ ଦେଶର୍ ବିକାଶ୍ ହେବା ବଲି ପୁରୀ ତାଲ୍‌ବଣିଆ ଠାନେ ରାଜ୍ୟସ୍ତରୀୟ ପଂଚାୟତିରାଜ୍ ଦିବସ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଆଏବା ବଛର୍ ଶେଷ୍‌ତକ୍ ସବୁ ଗାଁକେ ରାସ୍ତା, ଲୁକ୍‌କୁ ଘର୍, ସଫା ପିଇବାର୍ ପାଏନ୍ ସୁବିଧା ଯୁଗେଇ ଦେବାର୍ ଲାଗି ସର୍‌କାର୍ ଚେରେଷ୍ଟା କରୁଛନ୍ । ଇହାଦେତକ୍ ୨୭ ଲାଖ୍ ଲୁକ୍‌କୁ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ଘର୍ ଯୁଗେଇ ଦିଆଯାଇଥିବାର୍ ବେଲେ ଆଏବା ୩ ବଛର୍ ଭିତ୍‌ରେ ଅନ୍ତୋଦୟ ଆବାସ୍ ଯୋଜ୍‌ନାଥି ୭ ହଜାର୍ ୫ ଶହ ୫୦ କୋଟି ଟଙ୍କା ଖର୍ଚ୍ଚାଥି ୨୬ ଲାଖ୍ ଲୁକ୍‌କୁ ଘର୍ ଯୁଗେଇ ଦିଆଯିବା । ବିକଶିତ୍ ଗାଁ, ବିକଶିତ୍ ଓଡ଼ିଶା ଲକ୍ଷ୍ୟ ପୂରଣ୍ ଲାଗି ୧୦ ହଜାର୍ କୋଟି ଟଙ୍କାର୍ ପ୍ରକଳ୍ପ ତିଆର୍ କାମ୍ ହାତ୍‌କେ ନିଆଯାଇଥିବାର୍ କଥା ମୁଖ୍ୟମନ୍ତ୍ରୀ କହିଛନ୍ । ୨୦୩୬

ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ସଭେ କାମ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ବାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇତାର୍ ସହେତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ୬ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ବାଂଟିଛନ୍ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଇ-ପଂଚାୟତ୍ ସଭା ପୋର୍ଟାଲ୍, ପି ପି ଏମ୍ ଏସ୍ ପୋର୍ଟାଲ୍, ପଂଚାୟତ୍ ତଦାରଖ୍ ବ୍ୟବସ୍ଥାର୍ ଶୁଭାରମ୍ଭ କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଂଚାୟତ୍‌ମାନ୍‌କେ ପ୍ରୋତ୍ସାହନ୍ ରାଶି ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍‌ନାଥି ହିତାଧିକାରୀମାନ୍‌କୁ ସବ୍‌ସିଡ଼ି ବାଂଟିଛନ୍ ଆଉ ୩ ଶହ ୧୪ ଟା ବ୍ଲକ୍‌ସ୍ତରୀୟ ଷ୍ଟାଡ଼ିୟମ୍ ମାନ୍‌କର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

କାର୍ଯ୍ୟକ୍ରମ୍‌ଥି ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ପଂଚାୟତିରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ପଂଚାୟତିରାଜ୍ ଦିବସ୍/ନୂଆପଡ଼ା/ ସମ୍ବଲପୁର/କଲାହାଣ୍ଡି /ସୁବର୍ଣ୍ଣପୁର୍ ସମ୍ବାଦଦାତା

ସମ୍ବଲପୁର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନ ଜାତୀୟ ପଂଚାୟତିରାଜ୍ ଦିବସ୍ କାର୍ଯ୍ୟକ୍ରମ୍ ପାଲନ୍ ହେଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶାସନ୍ ବ୍ୟବସ୍ଥାଥି ପଂଚାୟତିରାଜ୍ ପ୍ରତିନିଧିମାନ୍‌କର୍ ଭୂମିକା ବାବ୍‌ଦେ ଆଲୋଚନା କରିଥିଲେ । ୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ଗଠନ୍ ଆମର୍ ଲକ୍ଷ୍ୟ ଆଏ ବଲି ଜିଲ୍ଲାପାଲ୍ ଇ ଅବ୍‌ସରେ କହିଛନ୍ । କାର୍ଯ୍ୟକ୍ରମ୍ଥି ୨୧ ଝନ୍ ହିତାଧିକାରୀଙ୍କୁ ନୂଆଁ ରାସନ୍‌କାର୍ଡ୍ ବଂଟାଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍‌ଠାନେ ହେଇଥିବା ଜାତୀୟ ପଂଚାୟତିରାଜ୍ ଦିବସ୍ କାର୍ଯ୍ୟକ୍ରମ୍ଥି ଆର୍ଥିକ୍ ଅନୁଦାନ୍ ଠିକ୍ ଭାବେ ଖର୍ଚ୍ଚା କରିଥିବାର୍ ଲାଗି ୩ଟା ପଂଚାୟତ୍‌କେ ଗ୍ରେଡ୍-ଏ ମାଏନ୍‌ତା ଦେଇକରି ୭ ଲାଖ୍ ୭୧ ହଜାର ୯ଶହ ୨୪ ଟଙ୍କାର ଆର୍ଥିକ୍ ସାହାଜ୍ ଦିଆଯାଇଛେ । ଇତାର୍ ସହେତେ ୫୧ ଝନ୍ ହିତାଧିକାରୀଙ୍କୁ ନୂଆ ରାସନ୍ କାର୍ଡ ବଂଟା ଯାଇଥିଲା ।

ସେନ୍ତା କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍‌ହଲ୍ ଠାନେ ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ୍ ଦିବସ୍ ପାଳିତ୍ ହେଇଯାଇଛେ । ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ଯୋଗ୍ ଦେଇଥିଲେ ।

ଇ ଅବ୍‌ସରେ ଜିଲ୍ଲା ନ ମନରେଗା ଯୋଜ୍‌ନାଥି ଚାଲିଥିବା ଭିନ୍ ଭିନ୍ କାମ୍‌ର ଅଗ୍ରଗତି ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଟାଉନ୍‌ହଲ୍ ଠାନେ ଜିଲ୍ଲାପାଲ୍ ଅନ୍ୟା ଦାସଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ପଂଚାୟତିରାଜ୍ ଦିବସ୍ ସମାରୋହଥି ଜିଲ୍ଲାର୍ ୬ ଟା ଯାକ ବ୍ଲକ୍ ଇଲାକା ନ ଲୁକ୍‌କର୍ ଉନ୍ନତି ଲାଗି ୮୮ ଟା ଭିନ୍ ଭିନ୍ କଲ୍ୟାଣ୍‌ମୂଲକ୍ ପ୍ରକଳ୍ପ ଲୋକାର୍ପଣ୍ କରାଯାଇଥିଲା । ଇତାର୍‌ଛଡ଼ା ୩୫ ଝନ୍ ହିତାଧିକାରୀଙ୍କୁ ନୂଆଁ ରାସନ୍‌କାର୍ଡ଼ ଦିଆଯାଇଥିଲା । ସେନ୍ତା ଜିଲ୍ଲାର୍ ୫ ଟା ଗ୍ରାମ୍‌ପଂଚାୟତ୍ ୩ ଲାଖ୍ ୮୬ ହଜାର୍ ଲେଖା ଟଙ୍କା ଦିଆଯାଇଥିଲା ।

ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ମାନ୍‌କେ ପୁରୀଠାନେ ହେଇଥିବା ରାଜ୍ୟସ୍ତରୀୟ ପଂଚାୟତିରାଜ୍ ଦିବସ୍ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ ଦେଖାଯାଇଥିଲା ।

ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକ୍ I&PR

ଓଡ଼ିଶା ଅକ୍ଷୟ ଶକ୍ତି ନୀତିର୍ ସିଙ୍ଗିଲ୍ ୱିଣ୍ଡୋ କମିଟି ଆଏଜ୍ ୧ ହଜାର ୧ ଶହ ୯୧ କୋଟି ୪୭ ଲାଖ୍ ଟଙ୍କାର ୭ ଟା ପୁଞ୍ଜିନିବେଶ ପ୍ରସ୍ତାବ୍‌କେ ଅନୁମୋଦନ୍ କରିଛେ । ଶକ୍ତି ବିଭାଗ

ପ୍ରମୁଖ ଶାସନ ସଚିବ ବିଶା କୁମାର ଦେବଙ୍କର ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ୯୫.୭ ମେଗାଓ୍ୱାଟ୍ କ୍ଷମତାର ୨ଟା ପବନ୍ ଶକ୍ତି ପ୍ରକଳ୍ପ, ୫୩.୯୭ ମେଗାଓ୍ୱାଟ୍ କ୍ଷମତାର୍ ୪ଟା ଭୂମି ଆଧାରିତ୍ ସୌରଶକ୍ତି ପ୍ରକଳ୍ପ ଆଉ ୦.୬  ମେଗାଓ୍ୱାଟ୍ ଆଓ୍ୱାର୍ କ୍ଷମତାର୍ ପହେଲା ବେଟ୍‌ରୀ ଷ୍ଟୋରେଜ୍ ପ୍ରକଳ୍ପକେ ଅନୁମୋଦନ୍ ମିଲିଛେ । ରାଏଜେ ଇ ପ୍ରକଳ୍ପ ମାନଙ୍କର ଜରିଏ ଅକ୍ଷୟ ଶକ୍ତି ଉତ୍ପାଦନ୍ ଲାଗି ଥିବା ପ୍ରାକୃତିକ୍ ସମ୍ଭାବନାମାନଙ୍କୁ ଠିକ୍ ଭାବେ ବେଭାର୍ କରାଯାଇ ପାର୍‌ବା ।

ରାସନ୍‌କାର୍ଡ୍          ହି.ସ.

ରାଜ୍ୟର୍ ସବୁ ଯୋଗ୍ୟ ହିତାଧିକାରୀମାନ୍‌କୁ ଖେପ୍ ଖେପ୍ କରି ରାସନ୍‌କାର୍ଡ୍ ଦିଆଯିବା ବଲି ଖାଦ୍ୟଯୋଗାଣ ଆଉ ଖାଉଟୀ କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ନୂଆଁ ରାସନ୍‌କାର୍ଡ୍ ଲାଗି ଇହାଦେତକ୍ ୧୪ ଲାଖ୍ ଆବେଦନ୍ ହେଇଛେ ବଲି ଶ୍ରୀ ପାତ୍ର କହିଛନ୍ । ଇ-କେଓ୍ୱାଇସି ଜରିଏ ମୃତ ହିତାଧିକାରୀମାନ୍‌କୁ ଚିହ୍ନଟ୍ କରାଯାଇଛେ । ୧ ଲାଖ୍ ଅଯୋଗ୍ୟ ହିତାଧିକାରୀମାନ୍‌କୁ ତାଲିକାନୁ ବାଦ୍ ଦିଆଯାଇଥିବାର୍ ବେଲେ ୫ ଲାଖ୍ ମୃତ ହିତାଧିକାରୀମାନ୍‌କର୍ ନାଁ ତାଲିକାନୁ କଟାଯାଇଛେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ଆବେଦନ୍ ଲାଗି ଇହାଦେଭିଲ୍

ପୋର୍ଟାଲ୍ ଖୁଲା ଅଛେ । ଆଉ ଯୋଗ୍ୟ ହିତାଧିକାରୀମାନେ ଇତାର୍ ଲାଭ୍ ଉଠାବାର୍ ଲାଗି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଳର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୧ ନମ୍ୱର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍କର୍ ମତାମତ୍ ମାଗିଛନ୍ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ୱାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ଶିମିଲିପାଲ-ଜାତୀୟ ଉଦ୍ୟାନ୍ ମାଏନ୍ତା ଆର୍ଏନ୍ୟୁ/ କଟକ୍

ଶିମିଲିପାଲ୍ ଅଭୟାରଣ୍ୟକେ ଦେଶର୍ ଶହେ ୭ ନମ୍ବର୍ ଜାତୀୟ ଉଦ୍ୟାନ୍‌ର ମାଏନ୍ତା ମିଲିସାରିଛେ । ଇ ବାବ୍‌ଦେ ରାଜ୍ୟ ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ଖରା ନେଇକରି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ, ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ । ପାଣିପାଗ୍ କେନ୍ଦ୍ର ତର୍‌ଫୁ ଆଏଜ୍ ୧୬ ଟା ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିଅସ୍ ଉପ୍‌ରେ ରହିଥିଲା । ଝାର୍‌ସୁଗୁଡ଼ା ନ ଦିନର୍ ସବୁନୁ ଜହ ତାତି ୪୫ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।